# ମାନ୍ୟବର ବିଧାୟକମାନେ ଏ କ'ଣ କଲ ?

୩୦/୧୧/୧୯୯୫

ରାଜ୍ୟ ବିଧାନସଭା ଦ୍ୱାରା ସର୍ବସମ୍ମତିକ୍ରମେ ଗୃହୀତ ପ୍ରସ୍ତାବ ସବୁବେଳେ ସ୍ୱତନ୍ତ୍ର ଆବେଗ ଓ ମାନ୍ୟତାର ସୂଚନା ଦିଏ । ସମ୍ପ୍ରତି ରାଜ୍ୟରେ ଦେଖା ଦେଇଥିବା ଭୟାବହ ମରୁଡ଼ିଜନିତ ପରିସ୍ଥିତି ଯେ ଅସ୍ୱାଭାବିକ ଏବଂ ସ୍ୱତନ୍ତ୍ର ମାନ୍ୟତା ଅପେକ୍ଷା କରୁଛି, ଏହାକୁ ମଧ୍ୟ କେହି ଅସ୍ୱୀକାର କରିବେ ନାହିଁ । ତେବେ ନଭେମ୍ବର ୨୦ ତାରିଖରୁ ଘୋଷିତ ହୋଇ ସାରିଥିବା ପଞ୍ଚାୟତ ନିର୍ବାଚନକୁ ମରୁଡ଼ିଜନିତ ପରିସ୍ଥିତି ପାଇଁ ସାମୟିକ ଭାବେ ସ୍ଥଗିତ ରଖିବାକୁ ଗତକାଲି ବିଧାନସଭାରେ ଯେଉଁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଛି, ତାହାକୁ ସହଜରେ ଗ୍ରହଣ କରି ହେଉନାହିଁ ।

ଗତକାଲି ପର୍ଯ୍ୟନ୍ତ ପଞ୍ଚାୟତ ନିର୍ବାଚନକୁ ଜାଣିଶୁଣି ବିଳମ୍ବିତ କରାଯାଉଛି ବୋଲି ସରକାରଙ୍କ ବିରୁଦ୍ଧରେ ସବୁସ୍ତରରେ ଅଭିଯୋଗ ହୋଇ ଆସୁଥିଲା । ଆଜି କିନ୍ତୁ ଉଭୟ ସରକାରୀ ଓ ବିରୋଧୀ ଦଳର ବିଧାୟକମାନେ ଏହାକୁ ସ୍ଥଗିତ ରଖିବା ପାଇଁ ଏକ ମନରେ ଏବଂ ଉଚ୍ଚସ୍ୱରରେ କହୁଛନ୍ତି । ସରକାର ବିଧାନସଭାର ଏହି ଆବେଗକୁ ଆଡଭୋକେଟ ଜେନେରାଲଙ୍କ ଜରିଆରେ ସର୍ବୋଚ୍ଚ ନ୍ୟାୟାଳୟରେ ଜଣାଇବେ ଓ ନିର୍ବାଚନକୁ ସ୍ଥଗିତ ରଖିବାପାଇଁ ନିବେଦନ କରିବେ । ସର୍ବୋଚ୍ଚ ନ୍ୟାୟାଳୟର ନିଷ୍ପତ୍ତି ଆମ ସମସ୍ତଙ୍କର ଶିରୋଧାର୍ଯ୍ୟ ଏବଂ ତାହା ବାଗାନ୍ତରରେ ପ୍ରକାଶ ପାଇବ ।

କିନ୍ତୁ ଏ ନେଇ ଯେଉଁ କେତୋଟି ନୈତିକ ଓ ଭୌତିକ ପ୍ରଶ୍ନ ଉଠୁଛି , ସେଗୁଡ଼ିକର ଉତ୍ତର ସରକାରଙ୍କୁ ନୁହେଁ, ପ୍ରତ୍ୟେକ ମାନ୍ୟବର ବିଧାୟକଙ୍କୁ ଦେବାକୁ ପଡ଼ିବ ।

ଆମ ଗଣତାନ୍ତ୍ରିକ ବ୍ୟବସ୍ଥାରେ ପଞ୍ଚାୟତରାଜକୁ ଏକ ସ୍ୱତନ୍ତ୍ର ମାନ୍ୟତା ଦେବାପାଇଁ ଆମେ ସମସ୍ତେ ଅଙ୍ଗୀକାରବଦ୍ଧ ହୋଇ ସମ୍ବିଧାନରେ ପରିବର୍ତ୍ତନ ଆଣିଲୁ । ସବୁଦଳ ଏବଂ ସେମାନଙ୍କର ନେତୃମଣ୍ଡଳୀ କ୍ଷମତାର ବିକେନ୍ଦ୍ରୀକରଣ ଏବଂ ଯୋଜନାର ସଫଳ ରୂପାୟନ ପାଇଁ ପଞ୍ଚାୟତରାଜ ବ୍ୟବସ୍ଥାର ଗୁରୁତ୍ୱକୁ ସ୍ୱୀକାର କରି ଆସିଛନ୍ତି । ଯେଉଁ ରାଜ୍ୟ ସରକାରମାନେ ଏହାର ଅବମାନନା କରିବେ, ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ମଧ୍ୟ ସବୁସ୍ତରରେ ସ୍ପଷ୍ଟ ମତପ୍ରକାଶ ପାଇଛି । ଏପରିକି ସମ୍ବିଧାନ ଉଲ୍ଲଂଘନ ଦୋଷରେ ଧାରା - ୩୫୬ ଲାଗୁ କରି ରାଜ୍ୟ ସରକାରଙ୍କୁ ବରଖାସ୍ତ କରିବା କଥା ମଧ୍ୟ କୁହାଯାଇଛି । କିନ୍ତୁ ଆସନ୍ତାକାଲି ଯଦି ପଞ୍ଚାୟତ ନିର୍ବାଚନ ସ୍ଥଗିତ ରହେ ଆମେ ଦୋଷ ଦେବା କାହାକୁ ? ଥରେ ନିର୍ବାଚନ ଘୋଷଣା ହେଲେ ତାହାକୁ ସ୍ଥଗିତ ନ ରଖିବାପାଇଁ ନ୍ୟାୟାଳୟମାନେ ବରାବର ରାୟ ଦେଇ ଆସୁଛନ୍ତି । ରାଜୀବ ଗାନ୍ଧୀଙ୍କ ହତ୍ୟାଜନିତ ବିଶେଷ ପରିସ୍ଥିତି ଦୃଷ୍ଟିରୁ ସାଧାରଣ ନିର୍ବାଚନକୁ ମଝିରେ ସ୍ଥଗିତ ରଖାଯାଇଥିଲା । ଏହାଛଡ଼ା, ଏପରି ସ୍ଥଗିତ ହେବାର ନଜିର ଆମ ଜାଣତରେ ନାହିଁ । ସବୁଠୁ ବିଡମ୍ବନାର ବିଷୟ ଏହି ଯେ ଲୋକସଭା ନିର୍ବାଚନ ପରେ ପରେ ଗତ ମେ ମାସରେ ପଞ୍ଚାୟତ ନିର୍ବାଚନ କରିବାପାଇଁ ଘୋଷଣା କରାଯାଇଥିଲା । ସେତେବେଳେ ସବୁ ଦଳ ତରଫରୁ ବର୍ଷା ଋତୁ ପରେ ଏହି ନିର୍ବାଚନ କରାଇବା ପାଇଁ ଦାବି କରାଯାଇଥିଲା । ଆଜି ପୁଣି ଅନାବୃଷ୍ଟି ଯୋଗୁ ଉପୁଜିଥିବା ପରିସ୍ଥିତିର ମୁକାବିଲା କରିବାପାଇଁ ଏହାକୁ ସ୍ଥଗିତ ରଖାଯାଉ ବୋଲି ଦାବି ହେଉଛି । ସ୍ୱାଭାବିକ ଭାବରେ ମରୁଡ଼ିଜନିତ ପରିସ୍ଥିତି ନେଇ ମାନ୍ୟବର ବିଧାୟକମାନଙ୍କର

## ଆମ ଘରର ହାଲଚାଲ୍

**ସୌମ୍ୟ ରଞ୍ଜନ**

ଆନ୍ତରିକତା ସମ୍ପର୍କରେ ପ୍ରଶ୍ନ ଉଠୁଛି ଏବଂ ସନ୍ଦେହ ରହିଯାଉଛି । ଗତ ଅକ୍ଟୋବର ମାସ ୨୩ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟରେ ଏ ସମ୍ପର୍କିତ ଏକ ମାମଲାରେ ପଞ୍ଚାୟତ ନିର୍ବାଚନ ପାଇଁ ସରକାର ସବୁ ଦୃଷ୍ଟିରୁ ପ୍ରସ୍ତୁତ ଏବଂ ବିଳମ୍ବିତ କରିବାର ତାଙ୍କର କୌଣସି ଅଭିପ୍ରାୟ ନାହିଁ ବୋଲି ଆଡଭୋକେଟ ଜେନେରାଲଙ୍କ ମାଧ୍ୟମରେ ହାତ କଟି ଲେଖି ଦେଇ ଆସିଥିଲେ । ଆଜି ଗୋଟିଏ ମାସ ପରେ ସେ କେଉଁ ପସନ୍ଦରେ ତାଙ୍କର ସରକାରଙ୍କର ସମର୍ଥନ ଥିବା ସ୍ଥଗିତ ପ୍ରସ୍ତାବଟିକୁ ପେଶ୍ କରିବେ ? ପୁଣି ପ୍ରଶ୍ନ ଉଠିବ ନାହିଁକି ସରକାର ଏବଂ ମାନ୍ୟବର ବିଧାୟକମାନେ ଅକ୍ଟୋବର ୨୩ ତାରିଖ ପରେ କେତେବେଳେ ଏବଂ କେଉଁ କାରଣରୁ ମରୁଡ଼ି ପାଇଁ ଅଧିକ ସଚେତନ ହେଲେ ଏବଂ ସେମାନଙ୍କର ମନ ଓ ମତି ପରିବର୍ତ୍ତନ କରିବାପାଇଁ ବାଧ୍ୟ ହେଲେ ? ଯଦି କେହି ପ୍ରଶ୍ନ କରେ ଯେ ଆଗାମୀ କେଇମାସ ଭିତରେ ଯେଉଁ ଶହ ଶହ କୋଟି ଟଙ୍କା ପ୍ରତି ପଞ୍ଚାୟତରେ ମରୁଡ଼ିର ପ୍ରତିକାର ପାଇଁ ଖର୍ଚ୍ଚ ହେବ , ତାହା ପଞ୍ଚାୟତ ନିର୍ବାଚନର ଅବର୍ତ୍ତମାନରେ ବିଧାୟକମାନଙ୍କ ମାର୍ଫତରେ ଖର୍ଚ୍ଚ ହେବ, ଏ ସୁଯୋଗ ଓ ଅଧିକାର ବିଧାୟକମାନେ ସହଜରେ ହାତଛଡ଼ା କରିବାପାଇଁ ଚାହାନ୍ତି ନାହିଁ ? ଏହା ବିଧାୟକମାନଙ୍କ ପାଇଁ ଯେତେ ଅବାଞ୍ଛିତ ହେଲେ ମଧ୍ୟ କ'ଣ ପ୍ରକୃତରେ ଅପ୍ରାସଙ୍ଗିକ ଓ ଅବାନ୍ତର ?

ଆଉ ଗୋଟିଏ ସାମ୍ବିଧାନିକ ପ୍ରଶ୍ନ ଆମକୁ ଅଧିକ ଆନ୍ଦୋଳିତ କରୁଛି । ପଞ୍ଚାୟତ ନିର୍ବାଚନ ହେଲେ ରାଜ୍ୟରେ ୯୨୪୮୬ ଜଣ ପ୍ରତିନିଧି ବିଭିନ୍ନ ସ୍ତରରେ ନିର୍ବାଚିତ ହେବେ । ଆଜି ଆମର ୧୪୭ ଜଣ ନିର୍ବାଚିତ ପ୍ରତିନିଧି ୯୨୪୮୬ ଜଣଙ୍କୁ ସେମାନଙ୍କ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ କରୁ ନାହାନ୍ତି କି ? ଏ ଅଧିକାର ସେମାନଙ୍କୁ କିଏ ଦେଲା ? ଆମ ଗାଁରେ କେଉଁଠି କୂଅଟିଏ ଖୋଳାହେବ, କେଉଁ ପୋଖରୀ ଅଧିକ ଗଭୀର ହେବ, କେଉଁ ହରିଜନ ଭାଇ ଇନ୍ଦିରା ଆବାସର ସୁବିଧା ପାଇବେ ଏବଂ କେଉଁ କୋଠାଘର ମରାମତି କେତେ ପଇସାରେ ହେବ, ଏସବୁ ନିଷ୍ପତ୍ତି ଗ୍ରାମସଭା ଓ ଗ୍ରାମ ପ୍ରତିନିଧିମାନେ ନେବେ ବୋଲି ଯେଉଁ ବ୍ୟବସ୍ଥା ଅଛି, ତାହାର ଉଲ୍ଲଂଘନ ହେଉ ନାହିଁକି ? ଏମିତିତ ଆମର ଶିକ୍ଷିତ ଯୁବକମାନେ ଲକ୍ଷାଧିକ ସଂଖ୍ୟାରେ ବେକାର ହୋଇ ଘୁରି ବୁଲୁଛନ୍ତି , ତା ସାଙ୍ଗକୁ ପ୍ରାୟ ଏକ ଲକ୍ଷ ରାଜନୈତିକ ପ୍ରତିନିଧିମାନଙ୍କୁ ବେକାର କରିବାପାଇଁ ଏହା ଏକ ଷଡଯନ୍ତ୍ର ନୁହେଁକି ? ବେକାର ରାଜନୀତିକ ପ୍ରତିନିଧି ମାନଙ୍କର ଅସନ୍ତୋଷ ଆଜି ଆମ ଗାଁ ଗଣ୍ଡାରେ ପ୍ରତିଫଳିତ ହେଉଛି । ସେଥିପ୍ରତି ଆମର ମାନ୍ୟବର ବିଧାୟକମାନେ ସଚେତନ ଅଛନ୍ତି ତ ? ରାଜନୈତିକ ଦଳ ମାନଙ୍କର ଭୂମିକା ମଧ୍ୟ ଅନ୍ୟ ଏକ ପ୍ରଶ୍ନ ଉତ୍ଥାପନ କରୁଛି । ବିଶେଷ ଭାବରେ ଭାରତୀୟ ଜନତା ପାର୍ଟିର ବିଧାୟକମାନଙ୍କର ଭୂମିକା ଉଲ୍ଲେଖର ଅପେକ୍ଷା ରଖୁଛି । ଭାରତୀୟ ଜନତାପାର୍ଟି ସମ୍ବିଧାନର ମର୍ଯ୍ୟାଦା ଏବଂ ମୂଲ୍ୟବୋଧ ଭିତ୍ତିକ ରାଜନୀତି ଉପରେ ସବୁବେଳେ ଗୁରୁତ୍ୱ ଦେଇ ଆସୁଛି । ଗତକାଲି ପର୍ଯ୍ୟନ୍ତ ଭାରତୀୟ ଜନତା ପାର୍ଟିର ବିଧାୟକମାନେ ପଞ୍ଚାୟତ ନିର୍ବାଚନ ଶୀଘ୍ର ହେଉ ବୋଲି ଦାବି କରି ଆସୁଥିଲେ । ଆଜି ହଠାତ ସେମାନଙ୍କର ମତ ପରିବର୍ତ୍ତନ ହେଲା କିପରି ? ଗତ ରାଜ୍ୟସଭା ନିର୍ବାଚନ ବେଳେ ଭାଜପା ବିଧାୟକ ବନ୍ଧୁମାନଙ୍କର ମଧ୍ୟ ହଠାତ୍ ମତ ପରିବର୍ତ୍ତନ ହୋଇଥିଲା । ଏଥର ପୁଣି ସେମିତି ହୋଇନାହିଁତ ? ମାନ୍ୟବର ବିଧାୟକ ବନ୍ଧୁମାନଙ୍କୁ ସକଳ ବିନମ୍ରତାର ସହିତ ନିବେଦନ କରିବାକୁ ଚାହୁଁ - ଏବେ ବି ସମୟ ଅଛି, ଗତକାଲିର ଗୃହୀତ ପ୍ରସ୍ତାବକୁ ପ୍ରତ୍ୟାହାର କରି ନେଇ ପଞ୍ଚାୟତ ନିର୍ବାଚନକୁ ଶୀଘ୍ର କରେଇବା ପାଇଁ ଏକ ବିକଳ୍ପ ପ୍ରସ୍ତାବ ଗ୍ରହଣ କରନ୍ତୁ । ଏହାକୁ ଏକ ସମ୍ମାନର ପ୍ରଶ୍ନ କରନ୍ତୁ ନାହିଁ । ପ୍ରତ୍ୟାହାର କରିନେଲେ ବିଧାୟକ ମହୋଦୟଙ୍କର ସମ୍ମାନ ବଢ଼ିବ ସିନା କମିବ ନାହିଁ । ପୁଣି ଯଦି ସର୍ବୋଚ୍ଚ ନ୍ୟାୟାଳୟ କୌଣସି କଟୁ ମନ୍ତବ୍ୟ ଦେଇ ସ୍ଥଗିତ ନିବେଦନକୁ ଖାରଜ କରି ଦିଅନ୍ତି, ତାହାହେଲେ ସବୁଦିନ ପାଇଁ ଆମ ମାନ୍ୟବର ବିଧାୟକଙ୍କର ସମ୍ମାନ ଭୂଲୁଣ୍ଠିତ ହେବ ।